# NATIONAL NEWS BULLETIN (ODIA)
## 27 January - 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ ।
- ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆଜି ଘୋଷଣା ହେବାକୁ ଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ପାଇଁ ସରକାରୀ ସ୍ତରୀୟ ଆଲୋଚନା ଶେଷ ।
- ଚତୁର୍ଥ ଭାରତ ଶକ୍ତି ସପ୍ତାହ ୨୦୨୬ ସମ୍ମିଳନୀକୁ ଆଭାସୀ ଜରିଆରେ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଇରାକ୍‌ର ସଂସଦ ଆଜି ଚୟନ କରିବ ଦେଶର ନୂଆ ରାଷ୍ଟ୍ରପତି ।

ଏବଂ

- ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ – ଭାରତ ରଙ୍ଗ ମହୋତ୍ସବ ଆଜିଠାରୁ ହେବ ଆରମ୍ଭ ।

# ଅଲ୍ ପାର୍ଟି ମିଟିଂ

ଆଗାମୀ ବଜେଟ ଅଧିବେଶନ ପୂର୍ବରୁ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ପ୍ରମୁଖ ଜାତୀୟ ପ୍ରସଙ୍ଗ ଏବଂ ସଂସଦୀୟ କାର୍ଯ୍ୟ ଉପରେ ଆଲୋଚନା କରିବା ପାଇଁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ସକାଳ ୧୧ଟାରେ ଏହି ବୈଠକ ଡାକିଛନ୍ତି। ବୈଠକ ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ ଏବଂ ଆସନ୍ତାକାଲିଠାରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନ ସମୟରେ ସଂସଦର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ନେଇ ଆଲୋଚନା ହେବ । ପ୍ରଥମ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଫେବୃଆରୀ ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ବଜେଟ ଅଧିବେଶନରେ ୩୦ଟି ବୈଠକ ହେବ । ଫେବୃଆରୀ ୧ରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ।

# ଇୟୁ-ଇଣ୍ଡିଆ-ଏଫ୍‌ଟିଏ

କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଆଜି ଘୋଷଣା ହେବାକୁ ଥିବା ପ୍ରସ୍ତାବିତ ମୁକ୍ତ

ବାଣିଜ୍ୟ ଚୁକ୍ତି ପାଇଁ ସରକାରୀ ସ୍ତରୀୟ ଆଲୋଚନା ଶେଷ ହୋଇଛି । ଏହା ଚୁକ୍ତି ଦୁଇ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ବୃଦ୍ଧି କରିବା ସହ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ। ଶ୍ରୀ ଅଗ୍ରଓ୍ୱାଲ କହିଛନ୍ତି, ଏହି ଚୁକ୍ତି ୟୁରୋପୀୟ ସଂଘ ସହିତ ଭାରତର ଆର୍ଥିକ ସମନ୍ୱୟରେ ସହାୟକ ହେବ ଏବଂ ଉଭୟ ବାଣିଜ୍ୟ ଓ ନିବେଶକୁ ପ୍ରୋତ୍ସାହିତ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ୟୁରୋପୀୟ ସଂଘ-ଭାରତ ଶିଖର ସମ୍ମିଳନୀ ସମୟରେ ଏହି ଘୋଷଣା କରାଯିବ। ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶିଖର ଆଲୋଚନା କରିବେ।

ଏହି ଚୁକ୍ତି ଦ୍ୱାରା ବୟନଶିଳ୍ପ, ରାସାୟନିକ ପଦାର୍ଥ, ଅଳଙ୍କାର, ବୈଦ୍ୟୁତିକ ଯନ୍ତ୍ରପାତି, ଚମଡା ଏବଂ ଜୋତା ଭଳି ଅନେକ ଭାରତୀୟ ସାମଗ୍ରୀକୁ ଶୁଳ୍କ ମୁକ୍ତ ପ୍ରବେଶ ପ୍ରଦାନ କରିବାର ସମ୍ଭାବନା ରହିଛି।

ଭାରତୀୟ ସାମଗ୍ରୀ ଉପରେ ୟୁରୋପୀୟ ସଂଘର ଶୁଳ୍କ ପ୍ରାୟ ୩ ଦଶମିକ୍ ୮ ପ୍ରତିଶତ ଥିବାବେଳେ ଅଧିକ ଶ୍ରମ ଶକ୍ତି ସମ୍ପନ୍ନ କ୍ଷେତ୍ରଗୁଡ଼ିକ ଉପରେ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ରହିଛି ।

ଉଭୟ ପକ୍ଷ ମଧ୍ୟ ନିବେଶ ସୁରକ୍ଷା ଏବଂ ଭୌଗୋଳିକ ସୂଚକ କ୍ଷେତ୍ରରେ ଏକ ଚୁକ୍ତି ପାଇଁ ଆଲୋଚନା କରୁଥିବା ଜଣାପଡ଼ିଛି । ୨୦୨୪-୨୫ ରେ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୬ ଦଶମିକ୍ ୫/୩ ବିଲିୟନ ଡଲାର ଥିଲା । ଯାହାଦ୍ୱାରା ୟୁରୋପୀୟ ସଂଘକୁ ଭାରତର ସବୁଠାରୁ ବଡ ବାଣିଜ୍ୟିକ କରିଥିଲା ।

## ନୀତିନ ନବୀନ-ଓ୍ୱେଷ୍ଟବେଙ୍ଗଲ

ବିଜେପିର ନବନିଯୁକ୍ତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜିଠାରୁ ଦୁଇ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯିବେ । ଗସ୍ତ ସମୟରେ ସେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ତୃଣମୂଳ ଢାଞ୍ଚାକୁ ଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକରେ ଅଂଶଗ୍ରହଣ କରିବେ । ଶ୍ରୀ ନବୀନ ଆସନ୍ତାକାଲି ଦୁର୍ଗାପୁରରେ ଏକ ରାଜ୍ୟ କୋର ଟିମ୍ ବୈଠକରେ ଅଧ୍ୟକ୍ଷତା କରିବେ, ଯେଉଁଥିରେ ସାଂଗଠନିକ ରଣନୀତି, ରାଜନୈତିକ ରୋଡମ୍ୟାପ୍ ଏବଂ ଆଗାମୀ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦିଆଯିବ ।

ଆସନ୍ତାକାଲି, ସେ ପୂର୍ବ ବର୍ଦ୍ଧମାନର ଚିତ୍ରାଳୟ ମେଳା ମଇଦାନରେ ବର୍ଦ୍ଧମାନ ବିଭାଗ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବେ । ଅପରାହ୍ନରେ, ସେ ରାଣୀଗଞ୍ଜରେ ଆସାନସୋଲ ଜିଲ୍ଲା କାର୍ଯ୍ୟକର୍ତ୍ତା

ବୈଠକରେ ଅଂଶଗ୍ରହଣ କରି ଦଳୀୟ କର୍ମୀଙ୍କ ସହ ବିଭିନ୍ନ ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଇରାକ୍ ପାର୍ଲାମେଣ୍ଟ ପ୍ରେସିଡେଣ୍ଟ

ଇରାକର ସଂସଦ ଆଜି ଦେଶର ନୂତନ ରାଷ୍ଟ୍ରପତିଙ୍କୁ ଚୟନ ନିମନ୍ତେ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ସିଆ ଗୋଷ୍ଠୀ ଦ୍ୱାରା ଅନୁମୋଦିତ ହେବା ପରେ ନୌରି ଅଲ-ମାଲିକୀଙ୍କୁ ନୂଆ ରାଷ୍ଟ୍ରପତି' ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବେ । ପରମ୍ପରା ଅନୁଯାୟୀ ଇରାକ୍‌ରେ ଜଣେ ସିଆ ମୁସଲମାନ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିଥାନ୍ତି । ସେଠାକାର ସଂସଦର ବାଚସ୍ପତି ଏହି ବିଷୟ ଘୋଷଣା କରିଛନ୍ତି । ନୂତନ ସଂସଦ ରାଷ୍ଟ୍ରପତି ଚୟନ କରିବା ପରେ ଆସନ୍ତା ୧୫ ଦିନ ମଧ୍ୟରେ ରାଷ୍ଟ୍ରପତି' ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବେ ।

## ସାଉଥ୍‌କୋରିଆ-ୟୁଏସ୍ ଟକ୍ସ

ଦକ୍ଷିଣ କୋରିଆର ପ୍ରତିରକ୍ଷା ମନ୍ତ୍ରୀ ଆହନ୍ ଗ୍ୟୁ-ବ୍ୟାକ୍ ଆମେରିକାର ପ୍ରତିରକ୍ଷା ନୀତି ସଚିବ ଏଲବ୍ରିଜ୍ କଲବିଙ୍କ ସହିତ ଆଲୋଚନା କରିଛନ୍ତି । ଶ୍ରୀ କଲବି ଦକ୍ଷିଣ କୋରିଆ ସହିତ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିବାକୁ ଏହି ଆଲୋଚନା କାଳରେ ପ୍ରତିଶ୍ରୁତି

ଦେଇଥିବା ଜଣାପଡ଼ିଛି । ଉଭୟ ପକ୍ଷ ଆଲୋଚନା କାଳରେ ପେଣ୍ଟାଗନ ଦ୍ୱାରା ପ୍ରକାଶିତ ନୂତନ ଜାତୀୟ ପ୍ରତିରକ୍ଷା ରଣନୀତି ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି ।

## ଭାରତ ପର୍ବ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଗତକାଲି ନୂଆଦିଲ୍ଲୀର ଲାଲକିଲ୍ଲାରେ ଛଅ ଦିନିଆ ଜାତୀୟ ସଂସ୍କୃତି ଏବଂ ପର୍ଯ୍ୟଟନ ମହୋତ୍ସବ 'ଭାରତ ପର୍ବ ୨୦୨୬' ଉଦଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି,  ଭାରତ ପର୍ବ ଦେଶର ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରିବାରେ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ। ସେ କହିଛନ୍ତି, ଏହି ମହୋତ୍ସବ ମାଧ୍ୟମରେ ଲୋକମାନେ ବିଭିନ୍ନ ରାଜ୍ୟ ଏବଂ ଅଞ୍ଚଳର ସଂସ୍କୃତିକୁ ଅବଲୋକନ କରିପାରିବେ । ଏହି ପଦକ୍ଷେପ ଦେଶର ପର୍ଯ୍ୟଟନ ସମ୍ଭାବନା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

ଶ୍ରୀ ବିର୍ଲା ଏହି ଅବସରରେ ସମ୍ବିଧାନର ମୌଳିକ ଧାରା, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ସାମ୍ବିଧାନିକ ଆଦର୍ଶ ଏବଂ ଜନସାଧାରଣଙ୍କ ମଧ୍ୟରେ

ଭାରତ ପର୍ବ ଏକ ସେତୁ ଭାବରେ କାର୍ଯ୍ୟ କରିବ । ଶ୍ରୀ ବିର୍ଲା କହିଥିଲେ, ଏହି ମହୋତ୍ସବ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଖାଦ୍ୟ ମାଧ୍ୟମରେ ଜୀବିକା ସୃଷ୍ଟି କରି ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ସମର୍ଥନ କରିବ।

କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ଭାରତ ପର୍ବ ମାଧ୍ୟମରେ ପରିଦର୍ଶକମାନେ ଦେଶର ପରମ୍ପରା, ଲୋକକଳା, ହସ୍ତଶିଳ୍ପ, ଖାଦ୍ୟ ଏବଂ ପର୍ଯ୍ୟଟନ ସ୍ଥାନ ବିଷୟରେ ସୂଚନା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ୩୪ଟି ରାଜ୍ୟ ପର୍ଯ୍ୟଟନ ଓ ୨୪ଟି କେନ୍ଦ୍ରୀୟ ମନ୍ତ୍ରଣାଳୟର ମଣ୍ଡପ ସହ ଦେଶର ପ୍ରମୁଖ ଅନୁଷ୍ଠାନ ଓ ସଂଗଠନ ଅଂଶଗ୍ରହଣ କରିବେ।

## ପ୍ରଗତି-ସ୍ପେଶାଲ ଷ୍ଟୋରି

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ

କରିଛି । ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା ଓଡ଼ିଶାରେ ଅବସ୍ଥିତ ହରିଦାସପୁର-ପାରାଦୀପ ନୂତନ ରେଳ ଲାଇନ ସମ୍ପର୍କରେ ।

ଓଡ଼ିଶାରେ ୮୨ କିଲୋମିଟର ଲମ୍ବ ହରିଦାସପୁର-ପାରାଦୀପ ନୂତନ ରେଳ ଲାଇନ, ପୂର୍ବ ଭାରତର ଖଣିଜ ସମୃଦ୍ଧ ଆଭ୍ୟନ୍ତରୀଣ ଅଞ୍ଚଳ ଏବଂ ପାରାଦୀପ ବନ୍ଦର ମଧ୍ୟରେ ଏକ ଉଚ୍ଚ-କ୍ଷମତା ସମ୍ପନ୍ନ ରେଳ ସଂଯୋଗୀକରଣ ପ୍ରକଳ୍ପ। ଏହି ପ୍ରକଳ୍ପ ରେଳ ମନ୍ତ୍ରଣାଳୟ ଦ୍ୱାରା ୧୯୯୭ ଜାନୁଆରୀରେ ମଞ୍ଜୁର କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନିମନ୍ତେ ଜମି ଅଧିଗ୍ରହଣରେ ବିଳମ୍ବ, ଆର୍ଥିକ ସମସ୍ୟା ଏବଂ ମଞ୍ଜୁରୀ ଓ ଅନୁମୋଦନରେ ବିଳମ୍ବ ଭଳି ଅନେକ ଆହ୍ୱାନ ଦେଖା ଦେଇଥିଲା ।

୨୦୧୮ ଅଗଷ୍ଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଗତି ମଞ୍ଚରେ ଏହାର ସମୀକ୍ଷା କରାଯାଇଥିଲା । ଏହି ପ୍ରକଳ୍ପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସରକାର, ରେଳ ମନ୍ତ୍ରଣାଳୟ ଏବଂ ଜିଲ୍ଲା ପ୍ରଶାସନକୁ ମିଶନ ମୋଡରେ ଜମି ଅଧିଗ୍ରହଣ ଏବଂ ଅନୁମତି ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ୧୯୯୬ ମସିହାରେ ମଞ୍ଜୁରୀ ପାଇଥିବା ହରିଦାସପୁର-ପାରାଦ୍ୱୀପ ପ୍ରକଳ୍ପ ୨୦୨୦ ରେ କାର୍ଯ୍ୟକ୍ଷମ ହୋଇଥିଲା। ୨୦୨୪ ମାର୍ଚ୍ଚରେ ପ୍ରଥମ ଯାତ୍ରୀବାହୀ ଟ୍ରେନ୍ ଯାତ୍ରା କରିଥିଲା ।

# ଏନ୍‌ଏସ୍‌ଡି-ଭାରତ ରଙ୍ଗମହୋତ୍ସବ

ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ଆଜିଠାରୁ ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ, ଭାରତ ରଙ୍ଗ ମହୋତ୍ସବ ୨୦୨୬ ର ୨୫ତମ ସଂସ୍କରଣ ଆରମ୍ଭ କରିବ । ଏହି ମହୋତ୍ସବ ଫେବୃଆରୀ ୨୦ ପର୍ଯ୍ୟନ୍ତ ଜାରି ରହିବ । ସୂଚନା ଅନୁଯାୟୀ ଭାରତ ରଙ୍ଗମହୋତ୍ସବ ଦେଶବ୍ୟାପୀ ୪୦ଟି ସ୍ଥାନରେ ମଞ୍ଚସ୍ଥ ହେବ, ଯାହା ସାତଟି ମହାଦେଶର ପ୍ରତ୍ୟେକ ଦେଶରୁ ଅତି କମରେ ଗୋଟିଏ ପ୍ରଯୋଜନା ସହିତ ବିଶ୍ୱ ସାଂସ୍କୃତିକ ପ୍ରତିନିଧିତ୍ୱକୁ ଦୃଢ଼ କରିବ ।

ମହୋତ୍ସବ ସମୟରେ ୧୨ ଟି ଅନ୍ତର୍ଜାତୀୟ ପ୍ରଯୋଜନା ସହିତ ୧୩୬ଟି ମନୋନୀତ ନାଟକ ଏବଂ ୨୭୭ଟି ଭାରତୀୟ ନାଟକ ପ୍ରଦର୍ଶନ ହେବ। ମହୋତ୍ସବରେ ୨୨୮ଟି ଭାରତୀୟ ଏବଂ ବିଦେଶୀ ଭାଷା ଓ ଉପଭାଷାରେ ନାଟକଗୁଡ଼ିକ ମଞ୍ଚସ୍ଥ ହେବ । ମୈଥିଳୀ, ଭୋଜପୁରୀ, ଟୁଲୁ, ଉର୍ଦ୍ଦୁ, ସଂସ୍କୃତ, ତାଇ ଖାମତି, ନ୍ୟଶୀ ଭାଷାରେ ପ୍ରଦର୍ଶନ ସହିତ ସମସ୍ତ ପ୍ରମୁଖ ଭାରତୀୟ ଭାଷା, ଆଦିବାସୀ ଏବଂ ଲୁପ୍ତପ୍ରାୟ ଭାଷାର ନାଟକ ମଧ୍ୟ ପ୍ରଦର୍ଶନ କରାଯିବ ।